# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01 June– 2026**

---

## କ୍ଷେତ ବଚାଓ ଅଭିଯାନ

ଦେଶବ୍ୟାପୀ ଆଜିଠାରୁ 'କ୍ଷେତ ବଚାଓ ଅଭିଯାନ' ଆରମ୍ଭ ହେଉଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ମଧ୍ୟପ୍ରଦେଶର ରାୟସେନ ଜିଲ୍ଲାରେ ଅଭିଯାନର ଶୁଭାରମ୍ଭ କରିବେ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଚାଷ ଜମିରେ ସନ୍ତୁଳିତ ସାର ପ୍ରୟୋଗ, ଜୈବିକ କୃଷି ଏବଂ କୃଷକଙ୍କୁ ସମୟୋପଯୋଗୀ ସୂଚନା ପ୍ରଦାନ ମାଧ୍ୟମରେ ପଞ୍ଚାୟତ ସ୍ତରରେ ଜନ ଭାଗିଦାରିତାକୁ ସଶକ୍ତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

---

## ରାଜ୍ୟସଭା ନିର୍ବାଚନ

ଓଡ଼ିଶା ସମେତ ମହାରାଷ୍ଟ୍ର ଓ ତାମିଲନାଡୁ ରାଜ୍ୟର ଖାଲିପଡ଼ିଥିବା ଗୋଟିଏ ଲେଖାଏଁ ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ଓଡ଼ିଶାର ଗୋଟିଏ ଆସନ ଖାଲି ପଡ଼ିଛି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ଏବଂ ୧୮ ତାରିଖରେ ମତଦାନ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଛି । ଏଥିସହ ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ନିମନ୍ତେ ମଧ୍ୟ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ ।

---

## ରେଳପଥ

ପୂର୍ବତଟ ରେଳପଥ ଅଧୀନରେ ନୂତନ ରାୟଗଡ଼ା ରେଳମଣ୍ଡଳ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି । ରାୟଗଡ଼ା ଡିଭିଜନ ଅଧୀନରେ ୬୯୬ କିଲୋମିଟର ରେଳପଥ ରହିଛି। ନୂଆ ରାୟଗଡା ରେଳମଣ୍ଡଳ ଅଧୀନରେ କୋରାପୁଟ, ସିଙ୍ଗାପୁର ରୋଡ,  କିରନ୍ଦୁର, ଗୁଣୁପୁର, ପାରଳା ସମେତ ଦକ୍ଷିଣ ଓଡ଼ିଶାର ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନକୁ ସାମିଲ କରାଯାଇଛି।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ପୁରାତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ସକାଳ ୮ଟାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ନୀତି ନିର୍ଘଣ୍ଟ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍‌କମିଟି ବୈଠକରେ ଆଗାମୀ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରାର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି । ନୀଳାଦ୍ରି ଭକ୍ତ ନିବାସଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜେନ୍ଦ୍ରଭିଷେକଠାରୁ

ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଠାକୁରଙ୍କ ନୀତିକାନ୍ତି ନେଇ ଅନୁମୋଦନ କରାଯାଇଛି । ତେବେ ଏ ସଂପର୍କରେ ଆସିଥିବା ପରାମର୍ଶଗୁଡ଼ିକ ଉପରେ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଚୂଡ଼ାନ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ଛାତ୍ରମଣ୍ଡଳୀ ଗୁଜରାଟ ଗସ୍ତ

ଏକ ଭାରତ ଶ୍ରେଷ୍ଠ ଭାରତ ପଦକ୍ଷେପ ଅଧୀନରେ ଯୁବ ସଂଗମ ପର୍ଯ୍ୟାୟ ଅନ୍ତର୍ଗତ ଓଡ଼ିଶାରୁ ୪୧ ଜଣ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ମଣ୍ଡଳୀ ଗୁଜରାଟ ଗସ୍ତରେ ଯାଇଛନ୍ତି । ରାଉରକେଲା ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏବଂ ବିଧାୟକ ସାରଦା ପ୍ରସାଦ ନାୟକ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଗୁଜରାଟରୁ ୬ ଦିନିଆ ଗସ୍ତରେ ଆସିଥିବା ଛାତ୍ର ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଗସ୍ତ ଶେଷ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ଡ୍ରାଇଭିଂ ଟେଷ୍ଟିଂ

କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଲର୍ଣ୍ଣର୍ସ ଓ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ଆଜିଠାରୁ ଗୋପାଳପୁରସ୍ଥିତ ନୂତନ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଷ୍ଟେସନ୍ ଠାରେ କରାଯିବ । ପୂର୍ବରୁ ଏହା ସିଡିଏ ସେକ୍ଟର-୬ ସ୍ଥିତ ପରୀକ୍ଷା କେନ୍ଦ୍ରଠାରେ କରାଯାଉଥିଲା । ଏ ସଂକ୍ରାନ୍ତ ବିଜ୍ଞପ୍ତି କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି । ଆବେଦନକାରୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନୂତନ ପରୀକ୍ଷା କେନ୍ଦ୍ରଠାରେ ଉପସ୍ଥିତ ରହିବାକୁ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

ବଲାଙ୍ଗୀର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି ଓ ପରିଚାଳନା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପ୍ରମୁଖ ଯୋଗଦେଇ ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

# ପ୍ରଶିକ୍ଷଣ ଶିବିର

ରାୟଗଡ଼ା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଅଣକ୍ୟାଡର ସରକାରୀ ଅଭିଯୋଜକଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଆଇନ ବିଭାଗ ଏବଂ ସରକାରୀ ଅଭିଯୋଜନ ନିର୍ଦ୍ଦେଶାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅପରାଧିକ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଅଧିକ ସୁଦୃଢ଼ କରିବା । ଏଥିରେ ଯୋଗଦେଇ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଅଭିଯୋଜକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ ।

# ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି

ବ୍ୟାବସାୟିକ ଗ୍ୟାସ୍ ଦର ବୃଦ୍ଧି ପାଇଛି । ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ୧୯ କିଲୋଗ୍ରାମ ସିଲିଣ୍ଡର ପିଛା ଦର ୫୨ ଟଙ୍କା ଏବଂ ୫

କିଲୋଗ୍ରାମ ସିଲିଣ୍ଡର ପିଛା ୧୨ଟଙ୍କା ୫୦ ପଇସା ବୃଦ୍ଧି କରାଯାଇଛି । ବର୍ଦ୍ଧିତ ଦର ଆଜିଠାରୁ ଲାଗୁ ହୋଇଛି ।

## ବିଶ୍ୱ ଦୁଗ୍ଧ ଦିବସ

ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାର, ଜୀବିକା ଏବଂ ଉନ୍ନତ ଜୀବନଶୈଳୀରେ ଦୁଗ୍ଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ ପ୍ରତ୍ୟେକ ବର୍ଷ ଜୁନ୍ ପହିଲାରେ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷର ବିଷୟବସ୍ତୁ ରହିଛି, "ମହିଳା ଚାଷୀଙ୍କୁ ସମ୍ମାନ" ।

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ବିଭିନ୍ନ ସ୍ଥାନରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଏଥିଲାଗି କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତକାଲି ୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିବା ବେଳେ ବୌଦ୍ଧଠାରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।

## ଆଥ୍‌ଲେଟିକ୍ସ

ଗୋଆରେ ଅନୁଷ୍ଠିତ ତୃତୀୟ ଜାତୀୟ ମହିଳା ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟାନ୍‌ସିପ୍‌ରେ ଓଡ଼ିଶାର ପାର୍ବତୀ ସେଠୀ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ

ରୌପ୍ୟ ପଦକ ହାସଲ କରିଛନ୍ତି । ପାର୍ବତୀ ଡିସ୍କସ୍ ଥ୍ରୋ ଓ ସର୍ଟପୁଟ୍ ଥ୍ରୋରେ ଏହି ସଫଳତା ପାଇଛନ୍ତି । ଏଥିସହ ଅଗଷ୍ଟ ମାସରେ ଦକ୍ଷିଣ କୋରିଆରେ ହେବାକୁ ଥିବା ବିଶ୍ୱ ଚାମ୍ପିୟାନ୍‌ସିପ୍‌ରେ ଭାଗ ନେବା ପାଇଁ ସେ ଯୋଗ୍ୟତା ଅର୍ଜନ କରିଛନ୍ତି ।